## ଯାନବାହନ ଯାଞ୍ଚ, ଜରିମାନା ଆଦାୟ

ଲଙ୍ଗଳେଶ୍ୱର, (ଡି.ଏନ.ଏ.)-ସିଂଲା ପୋଲିସ ଓ ଏମ୍‌ଭିଆଇ ମିଳିତ ଭାବେ ବସ୍ତା-ବାଲିଆପାଳ ରାସ୍ତାର ସିଂଲାଠାରେ ଗାଡ଼ି ମୋଟର ଯାଞ୍ଚ କରିଛନ୍ତି। ୧୮ ଜଣଙ୍କଠାରୁ ୧ଲକ୍ଷ ୮୬ହଜାର ୫ଶହ ଟଙ୍କା ଆଦାୟ ହେବା ସହ ମାମଲା ରୁଜୁ କରାଯାଇଛି। ଯାଞ୍ଚ ବେଳେ ହାଇ ସିକ୍ୟୁରିଟି ନମ୍ବର, ହେଲମେଟ, ସିଟ୍‌ବେଲ୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ ମଦ୍ୟପାନ ଆଦି ଯାଞ୍ଚ କରାଯାଇଥିଲା। ଅତିରିକ୍ତ ଏମ୍‌ଭିଆଇ ଦେବାଶିଷ ମଲ୍ଲିକ, ସିଂଲା ଏଏସ୍‌ଆଇ କୈଳାଶ ଚନ୍ଦ୍ର ମଲ୍ଲିକ ଓ ଏଏସ୍‌ଆଇ ସୁହାଗୀ ହାଁସଦା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘଷିପୁରା ବିଜେଡି ବ୍ଲକ୍ ସଭାପତି ନିଲମ୍ବିତ



କେନ୍ଦୁଝର/ଆନନ୍ଦପୁର,୬।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଷିପୁରା ବ୍ଲକ୍ ବିଜେଡି ସଭାପତି ମନ୍ମଥ ରାଉତଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ନିଲମ୍ବିତ କରାଯାଇଛି। ପ୍ରେସ୍ ରିଲିଜ ଜରିଆରେ ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏନେଇ କେନ୍ଦୁଝର ଜିଲା ବିଜେଡର ମିଡିଆ ମୁଖ୍ୟ ଶରତ ଜେନା ସୂଚନା ଦେଇଛନ୍ତି।

### ବିଜେଡି ଜିଲା ସମ୍ପାଦକ ନିଲମ୍ବିତ

ବାରିପଦା ଅଫିସ,୬।୩-ମୟୂରଭଞ୍ଜ ଜିଲା ବିଜୁ ଜନତା ଦଳର ଜିଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧି କାର୍ଯ୍ୟକଳାପ ଯୋଗୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ରାଜ୍ୟ ବିଜେଡି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

### ୨୫ରେ ଓକିଲ ସଂଘ ସଭାପତି ନିର୍ବାଚନ
### ରଣାଙ୍ଗନରେ ୪ ପ୍ରାର୍ଥୀ

ଜଳେଶ୍ୱର, ୬।୩(ଡି.ଏନ.ଏ.)-ଆସନ୍ତା ୨୫ ତାରିଖରେ ଜଳେଶ୍ୱର ଓକିଲ ସଂଘର ନିର୍ବାଚନ ହେବ ବୋଲି ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ଇସାକ୍ ବେଗ୍‌ଙ୍କ ସୂଚନା ଅନୁଯାୟୀ ସଭାପତି ନିର୍ବାଚନରେ ଅନୀଲ କୁମାର ପ୍ରଧାନ, ବିଜନ କୁମାର ଦେ, କୁଞ୍ଜବିହାରୀ ଦାସ ଓ ପତିତପାବନ ପ୍ରଧାନ ଏବଂ ଉପସଭାପତି ଭାବେ ଭବାନୀଶଙ୍କର ଭଞ୍ଜ, ମନୋରଞ୍ଜନ ମିଶ୍ର, ସମ୍ପାଦକ ଭାବେ ବିଜନ କୁମାର ଦେ, ମଦନମୋହନ ରାଉଳ, ମନୋରଞ୍ଜନ ମିଶ୍ର, ରାମଶଙ୍କର ସାହୁ ଓ ସିଦ୍ଧାର୍ଥ ଦାସ ମନୋନୟନପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଯୁଗ୍ମ ସମ୍ପାଦକ ଭାବେ ୪ଜଣ, ସହକାରୀ ସମ୍ପାଦକ ଭାବେ ୩ଜଣ ଓ କୋଷାଧ୍ୟକ୍ଷ ଭାବେ ୨ଜଣ ତଥା କାର୍ଯ୍ୟକାରୀ ସଦସ୍ୟ ଭାବେ ୯ଜଣ ମନୋନୟନପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ବୀରେନ୍ଦ୍ର ନାଥ ମହାନ୍ତି, ଲାଇବ୍ରେରୀ ସମ୍ପାଦକ ଓ ରାମକୃଷ୍ଣ ନନ୍ଦୀ, ସହକାରୀ ଲାଇବ୍ରେରୀ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### 'ମୋ ଝିଅକୁ ହତ୍ୟା କରାଯାଇଛି'

ପଦ୍ମପୁର,୬।୩(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖେଡୁଆଳପୁର ଗ୍ରାମରେ ପୂଜାରାଣୀ ପୁହାଣ ନାମ୍ନୀ ଯୁବତୀ ଗତ ୨ ତାରିଖରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ନାୟକାଣିଡିହୀ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ମୃତ ପୂଜାରାଣୀଙ୍କ ମା' ମଞ୍ଜୁଲତା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଝିଅର ମୋବାଇଲରୁ ଜାଣିବାକୁ ପାଇଛନ୍ତି କି ଉକ୍ତ ଥାନା ଅଧୀନ ପାଳସାହି ଗ୍ରାମର ଜଣେ ଯୁବକ ତାଙ୍କୁ ବିଭିନ୍ନ ସମୟରେ ବ୍ଲାକମେଲିଂ ସହ ଆତ୍ମହତ୍ୟା କରିବାକୁ ବାଧ କରୁଥିଲେ। ଘଟଣା ଦିନ ଯୁବକ ଜଣକ ତାଙ୍କ ଝିଅ ମୋବାଇଲକୁ ୩୩ ଥର କଲ୍ କରିଥିଲେ। ଏନେଇ ଏକ ହତ୍ୟା ମାମଲା (ନଂ. ୪୭/୨୩) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ମହେଶ୍ୱର ପ୍ରଧାନ କହିଛନ୍ତି।

# ୩ ଶହ ବର୍ଷର ପତିରାଜପୁର ଦୋଳମେଳନ

## ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ, ଦିଅଁ ଆଗମନକୁ ଅପେକ୍ଷା

ଖଇରା, ୬।୩(ଡି.ଏନ.ଏ.)



ଖବରଦାତା ସମ୍ମିଳନୀରେ ପତିରାଜପୁର ମେଳା କମିଟି ଓ ଚାରଣ ଗୋଷ୍ଠୀ କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ପତିରାଜପୁରଠାରେ ୩ଶହ ବର୍ଷ ଧରି ପାଳିତ ହୋଇଆସୁଥିବା ପ୍ରସିଦ୍ଧ ଦୋଳମେଳନ ଆରମ୍ଭକୁ ଆଉ ମାତ୍ର ଗୋଟିଏ ଦିନ ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ପସରା ମେଲିବାକୁ ଆରମ୍ଭ କରିଛନ୍ତି। ମଣ୍ଡପରେ ଆଲୋକମାଳା ଝଲସିଲାଣି । ୧୫ଦିନ ମେଳା ବସିବାକୁ ନେଇ ପ୍ରଶାସନିକ ଅନୁମତି ମିଳିସାରିଥିବା ବେଳେ ଦର୍ଶକଙ୍କ ଭିଡକୁ ଦୃଷ୍ଟିରେ ରଖାଯାଇ ପାନୀୟଜଳ, ପରିମଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆଦି ବ୍ୟବସ୍ଥା କରାଯାଇଛି। ପୂର୍ଣ୍ଣମୀ ରାତିରେ ଭିଡ ନିୟନ୍ତ୍ରଣ ଲାଗି ଖଇରା ପୋଲିସର ସହଯୋଗ ଲୋଡାଯାଇଛି । ବିମାନରେ ଦିଅଁ ଦର୍ଶନ ଲାଗି ହଜାର ହଜାର ଭକ୍ତ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ଏ ସଂକ୍ରାନ୍ତରେ ଏକ ଖବରଦାତା ସମ୍ମିଳନୀ ରବିବାର ଅପରାହ୍ନରେ ଗୋଳିହା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପିତାମ୍ବର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଗୌରାଙ୍ଗ ପାଣି, ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ, ଚାରଣ ଗୋଷ୍ଠୀର ସଭାପତି ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ନିର୍ମଳ କୁମାର ପଣ୍ଡା, ସଂଯୋଜକ ବୁଦ୍ଧିରାମ ପାଣିଗ୍ରାହୀ ଉପସ୍ଥିତ ରହି ମେଳା ତଥା ଜଗନ୍ନାଥ କଥାମୃତ ଶିକ୍ଷାଶିବିର ଉପରେ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ଦିଘି ପୋଖରୀର ସୌନ୍ଦର୍ଯ୍ୟକରଣ ବୋଟିଂ ବ୍ୟବସ୍ଥା ସହ ରୁଚିଗୋଲ୍ଡ ଆନୁକୂଲ୍ୟରେ ହେବାକୁ ଥିବା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୧୯ ଓ ୨୦ତାରିଖ ୨ଦିନ ଧରି ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ପ୍ରବଚନ, ଜଗନ୍ନାଥ କଥାମୃତ ସାଙ୍ଗକୁ ଜଗନ୍ନାଥଙ୍କ ୮ ବେଶ ପ୍ରଦର୍ଶନ ଉପରେ ସଭାପତି ସମ୍ପାଦକ ଆଲୋଚନା ରଖିଥିଲେ। ୨୦ତାରିଖ ସନ୍ଧ୍ୟାରେ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜିତ ହେବା ସାଙ୍ଗକୁ ଦର୍ଶକଙ୍କ ମନୋରଞ୍ଜନ ଲାଗି ଅପେରା ମଞ୍ଚସ୍ଥ ହେବା ସମ୍ପର୍କରେ କର୍ମକର୍ତ୍ତାମାନେ ସମ୍ମିଳନୀରେ ସୂଚନା ଦେଇଥିଲେ ।

# 'ସରକାରୀ ଯୋଜନାର ସୁବିଧା ନେଇ ସ୍ୱାବଲମ୍ବୀ ହୋଇପାରିବେ ମହିଳା'

## ଉଦ୍ୟୋଗୀ ମେଳାରେ ୬୦ ଷ୍ଟଲ୍

ଭଦ୍ରକ ଅଫିସ,୬।୩

ବିଭିନ୍ନ ସରକାରୀ ଯୋଜନାର ସବ୍‌ସିଡି ବ୍ୟବସ୍ଥା ରହିଛି। ଏହାର ସୁଯୋଗ ନେଇ ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନେ ଉଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହୋଇପାରିବେ। ଏଥିସହ ଅନ୍ୟମାନଙ୍କୁ କର୍ମନିଯୁକ୍ତି ଦେଇ ରୋଜଗାରକ୍ଷମ କରିପାରିବେ ବୋଲି ଭଦ୍ରକ ଜିଲାସ୍ତରୀୟ ୫ଦିନିଆ ଉଦ୍ୟୋଗୀ ସପ୍ତାହ ଉଦ୍‌ଘାଟନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ କଲେଜ ପଡ଼ିଆରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପୀତାମ୍ବର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ଅନ୍ୟତମ ଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ୟୋଗୀ ମେଳାରେ ଜିଲାର ବିଭିନ୍ନ ବ୍ଲକର ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ୬୦ଟି ଷ୍ଟଲ କରାଯାଇଛି। ଅତିଥିମାନେ ଷ୍ଟଲ ପରିଦର୍ଶନ କରି ବିଭିନ୍ନ ଉତ୍ପାଦନ ବିଷୟରେ ମହିଳାମାନଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ୭ଜଣ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପ ବିକାଶ ଅଧିକାରୀ ଶଶୀଶେଖର ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ବିଶ୍ୱଜିତ ସାମଲ, ଇଣ୍ଡଷ୍ଟ୍ରିଆଲ ସୁପରଭାଇଜର ରଶ୍ମିରଞ୍ଜନ ସାହୁ, ସହକାରୀ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଖଦିବୋର୍ଡର ଉନ୍ନୟନ ଅଧିକାରୀ ଶଙ୍କର୍ଷଣ ସେଠୀ, ସିନୟର ଆସିଷ୍ଟାଣ୍ଟ ସଞ୍ଜୟ ଦାସ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସମ୍ପାଦକ ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍ୟୋଗୀ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ଭାନୁମିତ୍ର ଆଚାର୍ଯ୍ୟଙ୍କୁ ବନ୍ୟମିତ୍ର ସମ୍ମାନ



ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଉଛି।

ବାରିପଦା ଅଫିସ,୬।୩

ମୟୂରଭଞ୍ଜ ଜିଲା ବାରିପଦାର ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ନେଚର୍ ଆଣ୍ଡ ୱାଇଲ୍ଡ ଲାଇଫ କନକ୍ଲେଭ ସୋସାଇଟି ପକ୍ଷରୁ ସମ୍ମାନ ଜନକ ବନ୍ୟମିତ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଶିମିଳିପାଳ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଜୀବନବ୍ୟାପି ସଂଗ୍ରାମ ଓ ସେବା ଯୋଗୁ ତାଙ୍କୁ ଏହି ସମ୍ମାନ ମିଳିଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଅଡିଟୋରିୟମରେ ଆୟୋଜିତ ଓଡ଼ିଶା ୱାଇଲ୍ଡ ଲାଇଫ କନକ୍ଲେଭ-୨୦୨୩ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସଂସ୍କୃତି, ପର୍ଯ୍ୟଟନ, ଅବକାରୀ ତଥା ଓଡ଼ିଆ ଭାଷା ସାହିତ୍ୟର ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ତାଙ୍କୁ ମାନପତ୍ର ସହ ନଗଦ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟ ଫୋର୍ସର ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ସଭାପତି ଏନ୍‌ଡବ୍ଲ୍ୟୁସିଏସ୍‌ଓ ଆଣ୍ଡ ଚିଫ୍ ପାଟ୍ରୋନ ସରୋଜ ପଟ୍ଟନାୟକ, ଅଧ୍ୟକ୍ଷ ୱାଇଲ୍ଡଲାଇଫ କନକ୍ଲେଭ ତଥା ପୂର୍ବତନ ଏଡିଜି ପ୍ରୋଜେକ୍ଟ ଟାଇଗର ଡ. ଅନୁପ ନାୟକ, ଓଡ଼ିଶାର ଟାଇଗର ମେନ୍ ତଥା କାହ୍ନା ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ସଂରକ୍ଷଣର ପୂର୍ବତନ ମୁଖ୍ୟ ଡ. ଲାଲା ଅଶ୍ୱିନୀ ସିଂ, ପୂର୍ବତନ ପିସିସିଏଫ ସୁରେଶ ମହାନ୍ତି, ଡ. ସୁଧାକର କର, ଡ. ସୁଧାକର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନୀତ ହେବା ଅବସରରେ ଆଜୀବନ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ପାଇଁ ଚେଷ୍ଟା ଜାରି ରହିବ ବୋଲି ଆଚାର୍ଯ୍ୟ କହିଛନ୍ତି।

## ଛାତ୍ରୀଙ୍କୁ ରୋଷେୟା ବଳାତ୍କାର ଘଟଣା
# ବିନା ପଞ୍ଜୀକରଣରେ ଚାଲିଥିଲା ସ୍କୁଲ

କେନ୍ଦୁଝର,୬।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମରେ ଥିବା ସେଣ୍ଟ ଜାଭିୟର ସ୍କୁଲରେ ଜାନୁୟାରୀ ୨୬ ତାରିଖ ସରସ୍ୱତୀ ପୂଜା ଦିନ ୬୦ ବର୍ଷୀୟ ରୋଷେୟା ଜଣେ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଘଟଣା ପରେ ସ୍କୁଲ ବନ୍ଦ ରହିଥିବା ବେଳେ ରୋଷେୟା ସହିତ ସ୍କୁଲ ମାଲିକଙ୍କୁ ପୋଲିସ ଗିରଫ କରିଥିଲା। ଘଟଣା ପରେ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲର ବୈଧତାକୁ ନେଇ ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ଉକ୍ତ ସ୍କୁଲ ବିନା ପଞ୍ଜୀକରଣରେ ଚାଲିଥିବା ଜଣାପଡ଼ିଛି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଏକ ଯାଞ୍ଚ ରିପୋର୍ଟ ମାନବାଧିକାର କମିଶନକୁ ପ୍ରଦାନ କରିଛନ୍ତି।

ଉକ୍ତ ରିପୋର୍ଟ ଅନୁଯାୟୀ, ସ୍କୁଲରେ ଏକ ଶହରୁ ଊର୍ଦ୍ଧ୍ୱ ପିଲା ପଢୁଥିଲେ। ମାତ୍ର ଅନୁମତି ପତ୍ର ନ ଥିବା ସହ ଚଳିତ ଶିକ୍ଷା ବର୍ଷରେ ଆବେଦନ କରାଯାଇ ନ ଥିଲା ବୋଲି ଦର୍ଶାଯାଇଛି। ତେବେ ବିନା କନସେଣ୍ଟ ଅଫ ରେଜିଷ୍ଟ୍ରେସନ (ସିଓଆର)ରେ କିପରି ଏହି ଆବାସିକ ସ୍କୁଲ ଚାଲିଆସୁଥିଲା ତାହାକୁ ନେଇ ଶିକ୍ଷା ବିଭାଗର କାମକାର୍ଯ୍ୟକୁ ପଦାରେ ପକାଇଛି। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ବିନା ସିଓଆରରେ କୌଣସି ସ୍କୁଲ ଚାଲୁଥିଲେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଥିବା ମାନବାଧିକାର କର୍ମୀ ହିମାଂଶୁ ଶେଖର ନାଏକ ସୂଚନା ଦେଇଛନ୍ତି। ବିନା ଅନୁମତିରେ ସ୍କୁଲ ଚଲାଇ ମନ ଇଚ୍ଛା ଫି ଆଦାୟ କରାଯାଉଛି। ଏନେଇ ଧରପଗଡ଼ ହେବା ଜରୁରୀ ବୋଲି ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା କହିଛନ୍ତି। ଏଭଳି କ୍ଷେତ୍ରରେ ଧରା ସମ୍ପୃକ୍ତ ଅଞ୍ଚଳର ଶିକ୍ଷା ବିଭାଗର ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ମାଳଦାରେ ଡାକ୍ତରଖାନାର ଭିତ୍ତିପ୍ରସ୍ତର

ଭଣ୍ଡାରିପୋଖରୀ, ୬।୩ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦାଠାରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷା ସୁମତି ସେଠି, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଲଳିତ ରାଉତ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଛାତ୍ରନେତା ଚିନ୍ମୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମାଳଦାଠାରେ ଡାକ୍ତରଖାନା ସ୍ଥାପନ ହେଲେ ପଡ଼ୋଶୀ ଷୋଳମପୁର, ନପଙ୍ଗ, ରହଣିଆ ଆଦି ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବିଧାୟକ କହିଥିଲେ। ପୂର୍ବତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ପ୍ରାକ୍ତନ ସରପଞ୍ଚ ବିରେନ୍ଦ୍ର ମହାନ୍ତି, ଯୁବନେତା ପ୍ରତ୍ୟୁଷ ସାମଲ, ନୀଳମଣି ବୋଇତି, ସମିତିସଭ୍ୟା ରିତାଞ୍ଜଳି ସାମଲ, ସରପଞ୍ଚ ମିନତି ପରିଡ଼ା, ଯୁବନେତା ମୋହନ ରାୟ, ବିରେନ୍ଦ୍ର ନାୟକ, ଭାଗୀରଥି ପରିଡ଼ା, ଛାତ୍ରନେତା ଦୀପ୍ତି ରଞ୍ଜନ ବିଶ୍ୱାଳ, ହେମନ୍ତ ଜେନା, କୁଶ ଦାସ, ଅମୂଲ୍ୟ ନାୟକ, ସରପଞ୍ଚ ପରମାନନ୍ଦ ନାୟକ, ସମିତି ସଭାପତି ମୁକୁନ୍ଦ ମଲ୍ଲିକ, ଜଗତ ଜୀବନ ବାରିକ, ସେକ୍ ଜଲାଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉତ୍ସବ ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ରିତା ମହାନ୍ତି, ରାମନାରାୟଣ ମହାନ୍ତି, ଶୁଭ୍ରସ୍ମିତା ରାଉତ, ସିପ୍ରା ପ୍ରିୟ ସାହୁ, ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।


ସଭାରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

# ବିଜୁ ଜୟନ୍ତୀରେ ପଦାରେ ପଡ଼ିଲା ଅନ୍ତର୍ଦ୍ୱନ୍ଦ୍ୱ

## ସମାନ୍ତରାଳ ଭାବେ ହେଲା ମାଲ୍ୟାର୍ପଣ

ନୀଳଗିରି, ୬।୩(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ପାଳନ ବେଳେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ିଛି। ସମାନ୍ତରାଳ ଭାବେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ଦେଖିବାକୁ ମିଳିଛି। ରବିବାର ପୂର୍ବାହ୍ନରେ ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କାଙ୍କ ନେତୃତ୍ୱରେ ରାଜ୍ୟ ଯୁବ ବିଜେଡ଼ି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ ଓ ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ରାଜ୍ୟ ବିଜେଡି ମହିଳା ଉପସଭାପତି ସୁନୀତି ସିଂ ଓ ଉଦୟଜ୍ୟୋତି ମହାନ୍ତିଙ୍କ ଉପସ୍ଥିତିରେ ବାଇପାସ୍‌ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଜନାଗଡ଼ ମା' ଭୂଧାରଚଣ୍ଡୀଙ୍କ ପୀଠରୁ ଶତାଧିକ କର୍ମୀ ଓ ସମର୍ଥକ ସାଇକେଲ ଶୋଭାଯାତ୍ରାରେ ବାହାରି ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। ପରେ ନୀଳଗିରି ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସମାନ୍ତରାଳ ଭାବେ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ସକାଳେ ବାଇପାସ୍‌ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଫଳ ବଣ୍ଟନ ଓ ନୀଳଗିରି ଜଗନ୍ନାଥ ମନ୍ଦିରରୁ ଏକ ପଦଯାତ୍ରାରେ ଆସି କେସିଏ ହାଇସ୍କୁଲ ପଡ଼ିଆ ପରିସରରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଆଇନଜୀବୀ ଅମର ପଟ୍ଟନାୟକ, ଔପଦା ବ୍ଲକ ସଭାପତି ଅଶୋକ ପ୍ରଧାନ, ଏନ୍‌ଏସି ସଭାପତି ରବୀନ୍ଦ୍ର ପରିଡ଼ା, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଶିଶିର ରାଉତ, ଜିଲାପରିଷଦ ସଦସ୍ୟା ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସମାନ୍ତରାଳ ଭାବେ ଏଭଳି କାର୍ଯ୍ୟକ୍ରମକୁ ନେଇ ବିଜେଡି କର୍ମୀ ଓ ସମର୍ଥକମାନେ ଦ୍ୱନ୍ଦ୍ୱରେ ପଡ଼ିଥିବା ଚର୍ଚ୍ଚା ହେଉଛି।

# ଖବରଦାତାଙ୍କୁ ହତ୍ୟା ଧମକ

ସାରସକଣା,୬।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜଣେ ଖବରଦାତାଙ୍କୁ ଚୋରା ପଥର ବୋଝେଇ ଗାଡ଼ି ମାଲିକ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସାରସକଣା ତହସିଲ ଅଧୀନ ବାଙ୍ଗିରିପୋଷି ବନାଞ୍ଚଳ କଟିଷୋଳ ନିକଟସ୍ଥ ଧଳା ପଥର ଖାଦାନରେ ମାଇନିଂ ବିଭାଗ ଦ୍ୱାରା ପୂର୍ବରୁ ସିଜ୍ ହୋଇରହିଥିବା ପଥରକୁ ନିଲାମ କରାଯାଇଛି। ସାରସକଣା ତହସିଲ ଅଞ୍ଚଳରେ ରହିଥିବା ପଥର ଖାଦାନର ଲିଜ୍ ଅବଧି ଦୀର୍ଘ ଦିନ ହେବ ଶେଷ ହୋଇଯାଇଛି। ଶନିବାର ଜେସିବି ମେଶିନ ଦ୍ୱାରା ଦୁଇଟି ହାଇୱାରେ ଧଳାପଥର ବୋଝେଇ ହେଉଥିବା ସମୟରେ ଖବରଦାତା ଜଣକ ଫଟୋ ଉତ୍ତୋଳନ କରିବା ସମୟରେ ହାଇୱା ମାଲିକ ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୫୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

# ୩୮ ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ସାଇକେଲ ପ୍ରଦାନ

## ଯାତାୟାତ ବ୍ୟବସ୍ଥା ନେଇ ଅସନ୍ତୋଷ

କେନ୍ଦୁଝର,୬।୩(ସ୍ୱ.ପ୍ର.)


ଦିବ୍ୟାଙ୍ଗଙ୍କ ସହ ଜିଲାପାଳ ଆଶିଷ ଠାକରେ ବାର୍ତ୍ତାଳାପ କରୁଛନ୍ତି।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩୮ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ସାଇକେଲ ପ୍ରଦାନ କରାଯାଇଛି। ଜିଲାପାଳ ଆଶୀଷ ଠାକ୍‌ରେ ଓ ଅନ୍ୟ ଅତିଥିମାନେ ପ୍ରଥମେ ଗୋଲାପ ଦେଇ ଦିବ୍ୟାଙ୍ଗଙ୍କୁ ସ୍ୱାଗତ କରିବା ପରେ ସାଇକେଲ ବଣ୍ଟନ କରିଥିଲେ। ଜିଲା ଖଣିଜ ପ୍ରତିଷ୍ଠାନ-ସକ୍ଷମ ପକ୍ଷରୁ ଏହି ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ, ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଦିବ୍ୟାଙ୍ଗମାନେ ଆସିଥିବା ବେଳେ ଯାତାୟାତ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଞ୍ଚାୟତ କିମ୍ବା ବ୍ଲକ୍‌ସ୍ତରରେ ସାଇକେଲ ପ୍ରଦାନ ବ୍ୟବସ୍ଥା କରାଗଲେ ଖର୍ଚ୍ଚାନ୍ତରୁ ବର୍ତ୍ତି ପାରନ୍ତେ ବୋଲି ଚମ୍ପୁଆ ବ୍ଲକ୍ ଜଜପଶି ପଞ୍ଚାୟତର ବଳା ଗ୍ରାମର ଦିବ୍ୟାଙ୍ଗ ଅରୁଣ ବାରିକଙ୍କ ବାପା କୈବଲ୍ୟ ବାରିକ କହିଛନ୍ତି। ସେହିପରି ଘଟଗାଁ ବ୍ଲକ୍ ପୁରୁମୁଣ୍ଡା ପଞ୍ଚାୟତର ପୁରୁମୁଣ୍ଡାର ଉଷାରାଣୀ ଦେହୁରୀଙ୍କ ବାପା ରତିକାନ୍ତ ଦେହୁରୀ କହିଛନ୍ତି, ବ୍ୟାଟେରୀ ସାଇକେଲ ପାଇଁ ଏକ ହଜାର ଟଙ୍କା ଖର୍ଚ୍ଚ କରି ଆସିବାକୁ ପଡ଼ିଛି ବୋଲି କହିଥିଲେ। ଏ ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୁଦି କହିଛନ୍ତି, ଅଭିଯୋଗ ପ୍ରକୋଷ୍ଠକୁ ପୂର୍ବରୁ ବ୍ୟାଟେରୀ ଚାଳିତ ସାଇକେଲ ପାଇଁ ଆସିଥିବା ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ଯାତାୟାତ ଖର୍ଚ୍ଚ ଦେବା ବ୍ୟବସ୍ଥା ନାହିଁ। କେବଳ ଟିଫିନ ଓ ପାଣି ଦିଆଯାଇଥିଲା। ଅଦ୍ୟାବଧି ୩୭୦ ଜଣଙ୍କୁ ମୋଟର ଚାଳିତ ତିନି ଚକିଆ ହ୍ୱିଲ ଚେୟାର, ୨୩୬ଟି କୃତ୍ରିମ ଅଙ୍ଗ, ୧୧୪୧ ଜଣଙ୍କୁ ରୋବାଟିକ ଥେରାପି ସୁବିଧା ଯୋଗାଇଦିଆଯାଇଥିବା 'ସକ୍ଷମ' ପକ୍ଷରୁ ସୂଚନା ମିଳିଛି।

# ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯାଉଛି

## କମାରଯୋଡ଼ା ପ୍ରାଥମିକ ବିଦ୍ୟାଳୟ
## ଅଧା ଦିନ ରୋଷେଇ ବନ୍ଦ

ଯୋଡ଼ା,୬।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କମାରଯୋଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା ଦେଖାଯାଇଛି। ନିମ୍ନମାନର ଖାଦ୍ୟ ପରସା ଯାଉଥିବା ବେଳେ ଅଧା ଦିନ ଦିଆଯାଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ କାଉନ୍‌ସିଲର ଯାଞ୍ଚ କରି ଖବରଦାତାଙ୍କୁ ଡାକି ଦେଖାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପ୍ରାୟ ୬୭୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆଯିବା ସହ ଠିକ୍ ସମୟରେ ଦିଆଯାଉ ନ ଥିବା ଅଭିଯୋଗ ହୋଇ ଆସିଥିଲା। ଏନେଇ ଛାତ୍ରୀଛାତ୍ର ଭୟରେ ମୁହଁ ଖୋଲୁ ନ ଥିଲେ। ଅନୁରୂପ ସୋମବାର ଦିନ ୧ଟା ସମୟ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନ ଥିଲା। ଏ ନେଇ ସ୍ଥାନୀୟ ୧୧ନଂ. ୱାର୍ଡ କାଉନ୍‌ସିଲର ବରୁଣ ଆପଟ୍ଟ ଖବର ପାଇ ବିଦ୍ୟାଳୟ ଯାଇ ସତ୍ୟାସତ୍ୟ ଜାଣିବାକୁ ଯାଞ୍ଚ କରିଥିଲେ। ପରେ ଖବରଦାତାଙ୍କୁ ଡାକି ଦେଖାଇଥିଲେ। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଶକୁନ୍ତଳା କେଶି କହିଛନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ନ ଥିବାରୁ ସେ ଦାୟିତ୍ୱରେ ଅଛନ୍ତି। ବିଦ୍ୟାଳୟରେ କାଠ ଅଛି କି ନାହିଁ ଏ ବାବଦରେ ତାଙ୍କୁ କିଛି କୁହାଯାଇ ନ ଥିଲା। କାଠ ନ ଥିବାରୁ ରୋଷେଇ ହୋଇ ନ ଥିଲା ବୋଲି କହିଥିଲେ। କାଉନ୍‌ସିଲର ଆପଟ୍ଟ କହିଛନ୍ତି, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆ ଯାଉନାହିଁ। ଖାଦ୍ୟ ନିମ୍ନମାନର ଦିଆଯାଉଛି। ଛାତ୍ରୀଛାତ୍ରମାନେ ଏ ନେଇ ପ୍ରତିବାଦ କଲେ ଧମକ ଚମକ ଦିଆଯାଉଥିବା କହିଥିଲେ। ଏ ସମ୍ପର୍କରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ଅବିଳମ୍ବେ ସେ ଏହି ଘଟଣାର ତଦନ୍ତ କରିବେ। ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

